# NATIONAL NEWS BULLETIN (ODIA)

**24 May - 2025**

**Morning Bulletin : 7.15 A.M.**

**********************************************

## ମୁଖ୍ୟ ସମ୍ବାଦ

- ନୀତି ଆୟୋଗ ପରିଚାଳନା ପରିଷଦର ଆଜି ଦଶମ ବୈଠକରେ ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ
- ଅପରେସନ ସିନ୍ଦୂର ଉପରେ ଭାରତର କୂଟନୈତିକ ପ୍ରୟାସର ଅଂଶ ଭାବରେ ୪ଟି ସର୍ବଦଳୀୟ ପ୍ରତିନିଧି ଦଳଙ୍କୁ ସୂଚନା ପ୍ରଦାନ କଲେ ବୈଦେଶିକ ସଚିବ ।
- ସେମିକଣ୍ଡକ୍ଟର ବିକାଶ ଦିଗରେ ଉତ୍ତର-ପୂର୍ବାଞ୍ଚଳର ଭୂମିକା ଗୁରୁତ୍ୱପୂର୍ଣ୍ଣ, କହିଲେ ପ୍ରଧାନମନ୍ତ୍ରୀ
- ସମସ୍ତ କେନ୍ଦ୍ରୀୟ ସଶସ୍ତ୍ର ବଳରେ ଆସନ୍ତା ୬ ମାସ ମଧ୍ୟରେ କ୍ୟାଡର ସମୀକ୍ଷା ଲାଗି ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

ଏବଂ

- ଆଇପିଏଲ୍ ଟି-୨୦ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪୨ ରନ୍‌ରେ ପରାସ୍ତ କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ ।

## ପିଏମ୍-ନୀତି ଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକରେ ଅଧ୍ୟକ୍ଷତା କରିବେ । ଚଳିତବର୍ଷର ବାର୍ତ୍ତା ରହିଛି "୨୦୪୭ ବିକଶିତ ଭାରତ ଲାଗି ବିକଶିତ ରାଜ୍ୟ" । ନୀତି ଆୟୋଗର ପରିଚାଳନା ପରିଷଦ ବୈଠକରେ ବିକଶିତ ଭାରତ ଏବଂ ବିକଶିତ ରାଜ୍ୟ ଉପରେ ଗୁରୁତ୍ୱ ଦିଆଯିବ । କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଉପରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ, ନୀତି ଆୟୋଗର ଉପାଧ୍ୟକ୍ଷ ଓ ସଦସ୍ୟ ଏହି ବୈଠକରେ ଯୋଗ ଦେବେ ।

ପରିଚାଳନା ପରିଷଦ ବୈଠକରେ ଦେଶ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ସଂପର୍କରେ ବିଚାର ବିମର୍ଶ କରିବା ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜ୍ୟଗୁଡ଼ିକର ଭୂମିକା ଉପରେ ସହମତି ସୃଷ୍ଟି କରିବା ପାଇଁ ଆଲୋଚନା କରାଯିବ ।

ବୈଠକରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା, ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଦକ୍ଷତା ବୃଦ୍ଧି ଉପରେ ବିଚାର ବିମର୍ଶ କରାଯିବ ।

## ପିଏମ୍-ସେମିକଣ୍ଡକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସେମିକଣ୍ଡକ୍ଟରର ବିକାଶ ଦିଗରେ ଉତ୍ତର-ପୂର୍ବାଞ୍ଚଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇଦିନିଆ ଉତ୍ତର-ପୂର୍ବାଞ୍ଚଳ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କରି

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ପର୍ଯ୍ୟଟନ ସମେତ ଅନ୍ୟାନ୍ୟ ବିକାଶମୂଳକ ଯୋଜନାରେ ନିବେଶକମାନେ ଅଧିକରୁ ଅଧିକ ଯୋଗଦାନ କରିବା ଆବଶ୍ୟକ । ସେ କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳରେ ଯୋଗାଯୋଗ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ।

**V/O**

**(Semy Conductor PM)**

# ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କୁ ଲାଭାଂଶ ସ୍ୱରୂପ ୨ ଲକ୍ଷ ୬୮ ହଜାର କୋଟି ଟଙ୍କା ପ୍ରଦାନ କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ମୁମ୍ବାଇରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ଘରୋଇ ଏବଂ ବିଶ୍ୱ ଅର୍ଥନୈତିକ ପରିସ୍ଥିତିର ସମୀକ୍ଷା କରାଯିବା ସହ ଚଳିତବର୍ଷର ଆର୍ଥିକ ରିପୋର୍ଟ ଓ ବାର୍ଷିକ ରିପୋର୍ଟକୁ ଅନୁମୋଦନ ମିଳିଛି ।

# ମିଶ୍ରି-ଡେଲିଗେସନ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଅପରେସନ ସିନ୍ଦୂର ଉପରେ ଭାରତର କୂଟନୈତିକ ପ୍ରୟାସର ଅଂଶ ଭାବରେ ୪ଟି ସର୍ବଦଳୀୟ ପ୍ରତିନିଧି ଦଳଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁର୍ ,ବିଜେପି

ସାଂସଦ ରବିଶଙ୍କର ପ୍ରସାଦ, ବୈଜୟନ୍ତ ପଣ୍ଡା ଓ ଏନ୍‌ସିପି-ଏସ୍‌ପି ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ଦଳଗୁଡ଼ିକୁ ଶ୍ରୀ ମିଶ୍ରି  ଅପରେସନ ସିନ୍ଦୂର ପରବର୍ତ୍ତୀ ଭାରତର ପଦକ୍ଷେପ ସଂପର୍କରେ ସୂଚନା ଦେଇଛନ୍ତି । ବୈଠକ ପରେ କଂଗ୍ରେସ ସାଂସଦ ଶଶି ଥରୁର୍ କହିଛନ୍ତି, ଭାରତ ଆତଙ୍କବାଦୀ କାର୍ଯ୍ୟକଳାପ ସଂପର୍କରେ ବିଶ୍ୱକୁ ଅବଗତ କରାଇବ ଏବଂ ଭାରତ କିଭଳି ୧୯୮୯ ମସିହା ପରଠାରୁ ସୀମାପାର ଆତଙ୍କବାଦର ସମ୍ମୁଖୀନ ହେଉଛି,ଳ ସେ ସଂପର୍କରେ ସୂଚନା ଦେବ । ପ୍ରକୃତରେ ଭାରତ ସହ କ'ଣ ଘଟୁଛି ଏବଂ ଭବିଷ୍ୟତରେ କିଭଳି ଆତଙ୍କବାଦର ମୁକାବିଲା କରାଯିବ, ସେ ସଂପର୍କରେ ପ୍ରତିନିଧି ଦଳ ବିଶ୍ୱକୁ ଜଣାଇବେ ।

**V/O**

**(Shashi Tharur Deligation)**

ବିଜେପି ସାଂସଦ ବୈଜୟନ୍ତ ପଣ୍ଡା' ବୈଦେଶିକ ସଚିବଙ୍କ ସୂଚନାକୁ ଅତ୍ୟନ୍ତ ଫଳପ୍ରଦ ବୋଲି କହିଛନ୍ତି । ସେ କହିଛନ୍ତି, ଭାରତର ସମସ୍ତ କ୍ଷେତ୍ରରେ ଯେଉଁ ଏକତା ଦେଖିବାକୁ ମିଳିଛି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦେଶର ବାର୍ତ୍ତାକୁ ବିଶ୍ୱରେ ପହଞ୍ଚାଇବା ଲାଗି ପ୍ରତିବଦ୍ଧତା ରହିଛି ।

ଏନସିପି-ଏସ୍‌ପି ସାଂସଦ ସୁପ୍ରିୟା ସୁଲେ କହିଛନ୍ତି, ଭାରତ ଆତଙ୍କବାଦର ବିରୋଧ କରୁଛି ଏବଂ ଏହା ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି । ଆଗାମୀ ଦିନରେ ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି ।

**V/O**

**(Supriya Sole Deligation)**

# ସୁପ୍ରିମକୋର୍ଟ କ୍ୟାଡର ରିଭ୍ୟୁ

ସର୍ବୋଚ୍ଚ ନ୍ୟାୟାଳୟ' ଆଇଟିବିପି, ବିଏସ୍ଏଫ୍, ସିଆରପିଏଫ୍, ସିଆଇଏସ୍ଏଫ୍ ଏବଂ ଏସ୍ଏସ୍ବି ସମେତ ସମସ୍ତ କେନ୍ଦ୍ରୀୟ ସଶସ୍ତ୍ର ବଳରେ ଆସନ୍ତା ୬ ମାସ ମଧ୍ୟରେ କ୍ୟାଡର ସମୀକ୍ଷା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ୨୦୨୧ ମସିହାରେ କ୍ୟାଡର ସମୀକ୍ଷା ହେବାକୁ ଥିଲେ ମଧ୍ୟ ଏଥିରେ ବିଳମ୍ବ ହୋଇଛି । ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗକୁ କ୍ୟାଡର ସମୀକ୍ଷା କରିବା ଏବଂ ବର୍ତ୍ତମାନ ଏହିସବୁ ସଶସ୍ତ୍ର ବଳରେ ନିଯୁକ୍ତି ନିୟମର ମଧ୍ୟ ସମୀକ୍ଷା କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ରିପୋର୍ଟ ମିଳିବାର ୩ ମାସ ମଧ୍ୟରେ ଉଚିତ ନିଷ୍ପତ୍ତି ନେବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ବେତନ ବୃଦ୍ଧି, କ୍ୟାଡର ସମୀକ୍ଷା ଏବଂ ସଶସ୍ତ୍ର ସେବାରେ ନିଯୁକ୍ତି ନିୟମକୁ ନେଇ ଆଗତ କେତେକ ମାମଲାର ଶୁଣାଣି କରି ସୁପ୍ରମିକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି, ସୀମାର ସୁରକ୍ଷା ସହ ଦେଶ ଭିତରେ ସୁରକ୍ଷା ସୁନିଶ୍ଚିତ କରୁଥିବା ସଶସ୍ତ୍ର ବଳର ପ୍ରମୁଖ ଭୂମିକା ରହିଛି ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୨୨ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ନୋଟମ୍ ଏକ୍ସଟେନ୍‌ସନ

ଭାରତ ପକ୍ଷରୁ ନିଜ ବାୟୁସୀମାକୁ ପାକିସ୍ତାନ ବିମାନ ଗୁଡ଼ିକ ଲାଗି ଜାରି କରାଯାଇଥିବା ପ୍ରତିବନ୍ଧକକୁ ଆସନ୍ତାମାସ ୨୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନରେ ପଞ୍ଜୀକୃତ କିମ୍ବା ସେଠାରୁ ପରିଚାଳିତ ହେଉଥିବା ଓ ଲିଜ୍ କିମ୍ବା ମାଲିକାନା କ୍ଷେତ୍ରରେ ଉଡ଼ାଣ କରୁଥିବା ବିମାନ ସମେତ ସାମରିକ ବିମାନକୁ ମଧ୍ୟ ଭାରତୀୟ ବାୟୁସୀମାରେ ପ୍ରବେଶ କରିବା ଲାଗି ବାରଣ କରାଯାଇଛି ।

ଗଣମାଧ୍ୟମକୁ ସୂଚନା ଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ କହିଛନ୍ତି ଏହି ପ୍ରତିବନ୍ଧକ ସମୟସୀମା ବୃଦ୍ଧି କରାଯାଇଛି ଏବଂ ଭାରତ ତା'ର ନିଷ୍ପତ୍ତିରେ ଅଟଳ ରହିଛି ।

## ହାର୍ଭାର୍ଡ ୟୁନିଭର୍ସିଟି

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଗ୍ରହଣ ନେଇ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଆଦେଶ ଉପରେ ଆମେରିକାର ମାସାଚୁଏଟ୍ସ କୋର୍ଟ ରହିତାଦେଶ ଜାରି କରିଛନ୍ତି । ଟ୍ରମ୍ପ ସରକାରଙ୍କ ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ପକ୍ଷରୁ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଦେଶୀ ଛାତ୍ରଛାତ୍ରୀ ଗ୍ରହଣ କରିବା ବ୍ୟବସ୍ଥାକୁ ରଦ୍ଦ କରିବାର ଗୋଟିଏ ଦିନ ପରେ ସେଠାକାର କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ବିଦେଶୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରମ୍ପ ସରକାରଙ୍କ ନିର୍ଦ୍ଦେଶ ପରେ ଅନ୍ୟ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର କରିବା କିମ୍ବା ମାନ୍ୟତା ହରାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ହାର୍ଭାର୍ଡରେ ୬ ହଜାରରୁ ଅଧିକ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଭାରତର ୭୮୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ହାର୍ଭାର୍ଡ ଅଧ୍ୟକ୍ଷ ଆଲାନ ଏମ୍. ଗାର୍ବର' ଟ୍ରମ୍ପ ସରକାରଙ୍କ ଏହି ନିଷ୍ପତ୍ତିକୁ ନିନ୍ଦା କରିବା ସହ ଏହାକୁ ବେଆଇନ ବୋଲି କହିଛନ୍ତି । ଏଭଳି ପ୍ରତିବନ୍ଧକ ଯୋଗୁଁ ଆଗାମୀ ଦିନରେ ହଜାର ହଜାର ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଂଚିତ ହେବେ ବୋଲି ସେ କହିଛନ୍ତି ।

ପୂର୍ବରୁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ହାଭାର୍ଡ ବିଶ୍ୱବିଦ୍ୟାଳୟକୁ ଦିଆଯାଉଥିବା ଅନୁଦାନ ଓ କର ରିହାତିକୁ ସ୍ଥଗିତ ରଖାଯାଇଥିଲା ।

## ଜୟଶଙ୍କର-ବର୍ଲିନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବର୍ଲିନ୍‌ଠାରେ ଜର୍ମାନ୍ ଚାନ୍‌ସେଲର ଫ୍ରିଡ୍ରିକ୍ ମର୍ଜ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସନ୍ତ୍ରାସବାଦର ମୁକାବିଲା କରିବା ଦିଗରେ ଭାରତର ପଦକ୍ଷେପକୁ ଜର୍ମାନ୍ ପକ୍ଷରୁ ଦିଆଯାଇଥିବା ଦୃଢ଼ ସମର୍ଥନ ଲାଗି ଡକ୍ଟର ଜୟଶଙ୍କର ଏହାର ପ୍ରଶଂସା କରିଛନ୍ତି ।  ସେ କହିଛନ୍ତି,  ଭାରତ ଆତଙ୍କବାଦ ପ୍ରତି ଶୂନ୍ୟସହନଶଳୀତା ନୀତି ଅବଲମ୍ବନ କରୁଛି  ଏବଂ ଯେକୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ଅଛି  ।

ଡକ୍ଟର ଜୟଶଙ୍କର ଜର୍ମାନ୍ ଚାନ୍‌ସେଲରଙ୍କର ବୈଦେଶିକ ଏବଂ ନିରାପତ୍ତା ନୀତି ପରାମର୍ଶଦାତା ଡକ୍ଟର ଗୁଣ୍ଟର ସଟର୍‌ଙ୍କ ସହିତ ସନ୍ତ୍ରାସବାଦ ବିପକ୍ଷ ସଂଗ୍ରାମ ସମେତ ବିଭିନ୍ନ ବିଶ୍ୱସ୍ତରୀୟ ସମସ୍ୟା ଉପରେ ମତବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏକ ଅନିଶ୍ଚିତ ବିଶ୍ୱରେ ସ୍ଥିରତା ବଜାୟ ରଖିବା ଦିଗରେ ଭାରତ-ଜର୍ମାନୀ ସଶକ୍ତ ଭାଗିଦାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହିଭଳି ବିଭିନ୍ନ କ୍ଷେତ୍ରରେ ସ୍ଥାୟୀତ୍ୱ ଓ ବିଶ୍ୱାସ ବଜାୟ ରଖିବା ଦିଗରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସମ୍ମତି ପ୍ରଦାନ କରିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ଟି-୨୦ ସିରିଜ୍‌ର ଗତକାଲି ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୪୨ ରନ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ୨୩୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରି ୧୯ ଓଭର ୫ଟି ବଲ୍‌ରେ ୧୮୯ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ମିନିମୟରେ ୨୩୧ ରନ୍ ସ୍କୋର୍ କରିଥିଲା ।

ଆଜି ପଞ୍ଜାବ କିଙ୍ଗ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବ । ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ପଏଣ୍ଟ ତାଲିକାରେ ୧୮ ପଏଣ୍ଟ ସହ ଗୁଜରାଟ ଟାଇଟନ୍‌ସ ଶୀର୍ଷରେ ରହିଥିବା ବେଳେ ୧୭ ପଏଣ୍ଟ ସହ ପଞ୍ଜାବ କିଙ୍ଗ୍‌ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।

## ନିରଜ ଚୋପ୍ରା

ଭାରତୀୟ ଜାଭଲିନ୍ ଥ୍ରୋ ଖେଳାଳି ନିରଜ ଚୋପ୍ରା ୨୦୨୫ ପୋଲାଣ୍ଡରେ ଚାଲିଥିବା ଜାନ୍‌ସୁଜ୍ କୁସୋଚୀନସକି ମେମୋରିଆଲ୍ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି । ଦୁଇ ଦୁଇଥରର ଅଲମ୍ପିକ୍ ବିଜେତା ଷଷ୍ଠ ତଥା ଅନ୍ତିମ ପର୍ଯ୍ୟାୟରେ ୮୪ ଦଶମିକ ୧/୪ ମିଟର ଜାଭିଲିନ୍ ଥ୍ରୋ କରି ଏହି ପଦକ ହାସଲ କରିଛନ୍ତି । ୨୦୨୧ ପରଠାରୁ ଏହା ୨୨ତମ ଫାଇନାଲ୍

ଥିଲା, ଯେଉଁଥିରେ ସେ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଜର୍ମାନୀର ଜୁଲିଆନ୍ ଓ୍ୱେବର୍ ୮୬ ଦଶମିକ ୧/୬ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଗ୍ରେନେଡାର ଆଣ୍ଡରସନ ପିଟର୍ସ ୮୩ ଦଶମିକ ୨/୪ ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି ।